# ଆମ ବିକାଶ ଯୋଜନା



୨

## ଶିଳ୍ପ, ଶକ୍ତି
## ଜଙ୍ଗଲ ଓ ପରିବେଶ



# ଆମ ବିକାଶ ଯୋଜନା

## ଶିଳ୍ପ, ଶକ୍ତି
## ଜଙ୍ଗଲ ଓ ପରିବେଶ

cysd
...Enable - Empower - Include...

# ଆମ ବିକାଶ ଯୋଜନା

**ପ୍ରସ୍ତୁତି :**

ସି.ଓ୍ୱାଇ.ଏସ୍.ଡ଼ି.

**ପ୍ରକାଶକ :**

ସି.ଓ୍ୱାଇ.ଏସ୍.ଡ଼ି.

ଇ-୧, ଇନ୍‌ଷ୍ଟିଚ୍ୟୁସନାଲ୍ ଏରିଆ

ଗଙ୍ଗାଧର ମେହେର ମାର୍ଗ, ଭୁବନେଶ୍ୱର - ୭୫୧୦୧୩

**ପୃଷ୍ଠା ବିନ୍ୟାସ :**

ପ୍ରଜ୍ଞା ଗ୍ରାଫିକ୍ସ , ଲକ୍ଷ୍ମୀ ବିହାର, ଭୁବନେଶ୍ୱର - ୫

**ପ୍ରକାଶନ ସମୟ :**

୦୧ ଡ଼ିସେମ୍ବର ୨୦୦୯

**ସହଯୋଗ ରାଶି :**

୧୦୦/- ଟଙ୍କା ମାତ୍ର

(ସଂପୂର୍ଣ୍ଣ ସେଟ୍)

# ମୁଖବନ୍ଧ

ଲୋକଙ୍କ ପାଇଁ ଯୋଜନା । ଲୋକମାନେ ତାହା ଜାଣିବା ଉଚିତ୍ । ସରକାରୀ ସ୍ତରରେ ପ୍ରସ୍ତୁତ ହେଉଥିବା ଅନେକ ଯୋଜନା ବିଷୟରେ ସାଧାରଣ ଲୋକ ଆଦୌ ଜାଣିପାରନ୍ତି ନାହିଁ । ଲୋକଙ୍କୁ ଜଣାଇବା ସରକାରଙ୍କର ଯେତିକି ଦାୟିତ୍ୱ, ଯୋଜନାଗୁଡ଼ିକ ବିଷୟରେ ସବିଶେଷ ଜାଣିବା ସାଧାରଣ ଲୋକଟିର ମଧ୍ୟ ସେତିକି କର୍ତ୍ତବ୍ୟ । ଜନମଙ୍ଗଳ ରାଷ୍ଟ୍ର ହିସାବରେ ସରକାର ଜନତାର ସେବା ପାଇଁ ପୂର୍ଣ୍ଣ ଉତ୍ସର୍ଗୀକୃତ ହେବା ଦରକାର । ଠିକ୍ ସେହିପରି ଏକ ସ୍ୱାଧୀନ ରାଷ୍ଟ୍ରର ନାଗରିକମାନେ ସେତିକି ସମ୍ବେଦନଶୀଳ ହୋଇ ରାଷ୍ଟ୍ରର ଆଇନ କାନୁନ୍, ନୀତି ନିୟମ ଏବଂ ସମସ୍ତ ସରକାରୀ ବେସରକାରୀ ଯୋଜନା ବିଷୟରେ ଜାଣିବା ଅପରିହାର୍ଯ୍ୟ ।

ଆମେ ଆଗରୁ କହିଛୁ, ଜାଣିଲେ ଜିଣିବା । ନିଜର ବିକାଶର ଗତିକୁ ବଢ଼ାଇବା । ଆମ ରାଜ୍ୟର ସାଧାରଣ ଜନତା ଯେତେ ଅଧିକ ଜାଣିବେ ଓ ସରକାରୀ ଯୋଜନାକୁ ଯେତେ ଅଧିକ ସଠିକ୍ କାମରେ ଲଗାଇବେ, ଆମର ବିକାଶ ସେତେ ଅଧିକ ହେବ । ସରକାରୀ ସ୍ତରରେ ଅନେକ ବିଭାଗ ଅଛି । ଯେପରି କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ରାଜସ୍ୱ, ଶକ୍ତି, ଶିଳ୍ପ, ସମବାୟ ଏହିପରି ଅନେକ । କିନ୍ତୁ ସାଧାରଣ ଜନତା ପାଇଁ ସମସ୍ତ ଯୋଜନା ବିଷୟରେ ଗୋଟିଏ କୌଣସି ସ୍ଥାନରୁ ବା ଗୋଟିଏ କୌଣସି ଉପାଦେୟ ପୁସ୍ତକରୁ  ଜାଣିବାର ବ୍ୟବସ୍ଥା ନାହିଁ କହିଲେ ଚଳେ ।

ସାଧାରଣଲୋକଙ୍କର ଏହି ଅସୁବିଧାକୁ ଉପଲବ୍ଧି କରି ଏହାର ସମାଧାନ  ପାଇଁ ସି.ଓ୍ୱାଇ.ଏସ୍.ଡ଼ି. ତରଫରୁ ଏକ ଲୋକାଭିମୁଖି ପଦକ୍ଷେପଟିଏ ନେବା ପାଇଁ ବିଚାର କରାଗଲା । ଯାହାର ଫଳସ୍ୱରୂପ ଜନ୍ମ ନେଲା କେତୋଟି ପୁସ୍ତିକାର ସମାହାର "ଆମ ବିକାଶ ଯୋଜନା" ।

ଲୋକ ଶାସନ ବିଭାଗର ପ୍ରମୁଖ ଡ଼ଃ ସୁରେନ୍ଦ୍ରନାଥ ଜେନା , କାର୍ଯ୍ୟକ୍ରମ ସଂଯୋଜିକା ଗୀତାରାଣୀ ଦାସ ଏବଂ ସମାଜସେବୀ ନିରାକାର ବେଉରାଙ୍କର ଉଦ୍ୟମ ଫଳରେ ଏହି କାର୍ଯ୍ୟଟି ସମ୍ଭବ ହୋଇପାରିଛି ।

୧୩ଟି ବିଭାଗର ଅନେକ ଯୋଜନା ଏହି ପୁସ୍ତିକା ସବୁରେ ସନ୍ନିବେଶିତ ହୋଇଛି । ଆହୁରି ଅନେକ ବିଭାଗର ଛୋଟ ବଡ଼ ଯୋଜନା ଆମମାନଙ୍କର ହସ୍ତଗତ ହୋଇପାରିନଥିବାରୁ ସଂଯୋଜନା ମଣ୍ଡଳୀ ସେହି ସବୁ ଯୋଜନାକୁ ଏହି ପୁସ୍ତିକାରେ ନେଇ ପାରିନାହାଁନ୍ତି । ଏଥିସହ ସରକାରଙ୍କର ଯୋଜନା ଅନେକ ସମୟରେ ପରିବର୍ତ୍ତନ ହୁଏ, ପରିବର୍ଦ୍ଧିତ ହୁଏ, ବନ୍ଦ ବି ହୋଇଯାଏ ଏବଂ ସାହାଯ୍ୟର ପରିମାଣରେ ହ୍ରାସ କିମ୍ବା ବୃଦ୍ଧି ଘଟିଥାଏ । ତେଣୁ ଏ ପୁସ୍ତିକା ପ୍ରତି ୨/୩ ବର୍ଷରେ ଥରେ ସଂଶୋଧନ ହେବା ନିତାନ୍ତ ଜରୁରୀ । ଏଥିସହ ଉକ୍ତ ପୁସ୍ତିକାଟି ପ୍ରକାଶିତ ହୋଇସାରିବା ପରେ ସରକାରୀ ସ୍ତରରେ ଯୋଜନାର ନକଲ ସାଧାରଣ ଲୋକଙ୍କୁ ଦେବାରେ ଯେଉଁ ଅନାଗ୍ରହ ଦେଖିବାକୁ ମିଳୁଥିଲା, ତାହା ଦୂର ହୋଇପାରିବ ବୋଲି ଆଶା କରାଯାଏ । ସରକାର ମଧ୍ୟ ଏ ଦିଗରେ ଯତ୍ନଶୀଳ ହୋଇ ଏହିପରି ପୁସ୍ତକ ଅଧିକ ସଂଖ୍ୟାରେ ପ୍ରକାଶ କରି ସାଧାରଣ ଲୋକଙ୍କୁ ପ୍ରଦାନ କଲେ ସରକାରଙ୍କ ଲକ୍ଷ୍ୟ ଅଧିକ ଫଳବତୀ ହୋଇପାରିବ ନିଶ୍ଚୟ ।

ପରିଶେଷରେ ଏହି ଉପାଦେୟ ପୁସ୍ତିକା ଗୁଚ୍ଛର ସଂପାଦନା ମଣ୍ଡଳୀ, ପ୍ରକାଶକ ଏବଂ ଏ ପୁସ୍ତିକାକୁ  ପାଠ କରି ଏଥିରୁ ଯେଉଁମାନେ ଲାଭାନ୍ୱିତ ହେବେ, ସେ ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଜ୍ଞାପନ କରୁଛି ।

୦୧ ଡ଼ିସେମ୍ବର ୨୦୦୯

**ପ୍ରଫୁଲ୍ଲ କୁମାର ସାହୁ**
ଅଧକ୍ଷ
ସି.ୱାଇ.ଏସ୍.ଡ଼ି.

# ସୂଚୀପତ୍ର

*ଶିଳ୍ପ ବିଭାଗ*

- ହସ୍ତଶିଳ୍ପ କାରିଗର ଥଇଥାନ ଯୋଜନା ୧
- ହସ୍ତଶିଳ୍ପ ପ୍ରତିଷ୍ଠାନ ଯୋଜନା ୨
- ପି.ଏମ୍.ଇ.ଜି.ପି. ୩

*ଶକ୍ତି ବିଭାଗ*

- ବିଜୁ ଗ୍ରାମ୍ୟ ଜ୍ୟୋତି ଯୋଜନା ୫

*ଜଙ୍ଗଲ ଓ ପରିବେଶ ବିଭାଗ*

- ଯୁଗ୍ମଜଙ୍ଗଲ ପରିଚାଳନା ଯୋଜନା ୮


ଶାସ୍ତ୍ର

# ହସ୍ତଶିଳ୍ପ/କତାଶିଳ୍ପ କାରିଗର ଥଇଥାନ ଯୋଜନା (ଆର୍.ଏଚ୍.ଏ)

*ଯୋଜନାର ଉଦ୍ଦେଶ୍ୟ*

ହସ୍ତଶିଳ୍ପମାନଙ୍କର ଥଇଥାନ ଓ ବିକାଶ ନିମନ୍ତେ ଏହି ଯୋଜନା ମାଧ୍ୟମରେ ଅଂଶଧନ ସହାୟତା ଯୁକ୍ତ ବ୍ୟାଙ୍କ ଋଣ ଯୋଗାଇ ଦିଆଯାଏ ।

*ସାହାଯ୍ୟର ପରିମାଣ*

ପ୍ରକଳ୍ପର ମୂଲ୍ୟ ଟ. ୨୫,୦୦୦/- ହେଲେ ଅଂଶଧନରେ (ସରକାରୀ ସହାୟତା) ପରିମାଣ ପ୍ରକଳ୍ପମୂଲ୍ୟର ୨୦% ସର୍ବାଧିକ ଟ. ୫୦୦୦/- । ଏଇ ପ୍ରକଳ୍ପ ପାଇଁ ନିଜସ୍ୱ ଅବଦାନ ଶତକଡା ୫% ବ୍ୟାଙ୍କରେ ଦାଖଲ କରିବାକୁ ପଡିବ ।

କତାଶିଳ୍ପ କାରିଗରମାନଙ୍କର ଥଇଥାନ ଓ ବିକାଶ ନିମନ୍ତେ ଏହି ଯୋଜନା ମାଧ୍ୟମରେ ଅଂଶଧନ (ସରକାରୀ) ସହାୟତା ଓ ବ୍ୟାଙ୍କ ଋଣ ଯୋଗାଇ ଦିଆଯାଏ ।

ପ୍ରକଳ୍ପର ମୂଲ୍ୟ ଟ. ୨୧,୫୦୦/- ମଧ୍ୟରେ ସୀମିତ ରଖାଯାଏ ଓ ଅଂଶଧନର ପରିମାଣ ପ୍ରକଳ୍ପ ମୂଲ୍ୟର ଶତକଡା ୨୫% । ସର୍ବାଧିକ ୫୦୦୦/- ମଧ୍ୟରେ ଦିଆଯାଏ । ଏହି ପ୍ରକଳ୍ପ ପାଇଁ ନିଜସ୍ୱ ଅନୁଦାନ ଶତକଡା ୫% ରଖାଯାଇଅଛି ।

*ବିଶେଷ ସୂଚନା*

ଏହି ଯୋଜନା ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ ନିୟମାବଳୀ ଦ୍ୱାରା ପାରିଚାଳିତ ।

# ହସ୍ତଶିଳ୍ପ ପ୍ରତିଷ୍ଠାନ ଯୋଜନା

| | |
|---|---|
| *ଯୋଜନାର ଉଦ୍ଦେଶ୍ୟ* | ଏହି ଯୋଜନାରେ ହସ୍ତଶିଳ୍ପ ଭିତ୍ତିକ ପ୍ରକଳ୍ପ ପାଇଁ ସବସିଡ୍ ବା ରିହାତି ଯୁକ୍ତ ଋଣ ପ୍ରଦାନ କରାଯାଇଥାଏ । |
| *ସହାୟତା ପରିମାଣ* | ଏହି ଯୋଜନାରେ ସର୍ବାଧିକ ଟ. ୫୦,୦୦୦/- ଋଣ ଓ ରିହାତି ୧୫% ବା ସର୍ବାଧିକ ଟ. ୭୫,୦୦୦ ଦିଆଯାଇଥାଏ । |
| *ହିତାଧିକାରୀଙ୍କ ଯୋଗ୍ୟତା* | ଦରଖାସ୍ତକାରୀଙ୍କ ବୟସ ୧୮ ବର୍ଷରୁ ୪୫ ବର୍ଷ ମଧ୍ୟରେ ରହିବା ଜରୁରୀ । |



# ପ୍ରଧାନମନ୍ତ୍ରୀଙ୍କ ନିଯୁକ୍ତି ବିକାଶ ଯୋଜନା
# (ପି.ଏମ୍.ଇ.ଜି.ପି.)

***ଯୋଜନାର ଉଦ୍ଦେଶ୍ୟ*** ପୂର୍ବରୁ ପ୍ରଚଳିତ ପ୍ରଧାନମନ୍ତ୍ରୀ ରୋଜଗାର ଯୋଜନା ଏବଂ ଆର୍.ଇ.ଜି.ପି. ବଦଳରେ ୨୦୦୮-୦୯ ଠାରୁ ଏହି ଯୋଜନାଟି କାର୍ଯ୍ୟକାରୀ ହେଉଅଛି । ଏହି ଯୋଜନାରେ ଶିକ୍ଷିତ ବେକାର ଯୁବକ ଯୁବତୀମାନେ ସଂପୃକ୍ତ ପ୍ରକଳ୍ପ ପାଇଁ ସବ୍‌ସିଡ୍ ଆଧାରିତ ବ୍ୟାଙ୍କ ଋଣ ପାଇପାରିବେ ।

***ହିତାଧିକାରୀଙ୍କ ଯୋଗ୍ୟତା*** ଦରଖାସ୍ତକାରୀଙ୍କ ବୟସ ୧୮ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ ।

***ସାହାଯ୍ୟର ପରିମାଣ***

୧. ଜଣେ ହିତାଧିକାରୀ ଏହି ଯୋଜନାରେ ୨୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପାଇ ପାରିବେ ।

୨. ସହରାଞ୍ଚଳ ପାଇଁ ଶତକଡା ୧୫% ଓ ଗ୍ରାମାଞ୍ଚଳ ପାଇଁ ଶତକଡା ୨୫% ରିହାତି ଦିଆଯାଏ ।

୩. ହରିଜନ/ଆଦିବାସୀ/ପଛୁଆବର୍ଗ/ମହିଳା/ଭିନ୍ନକ୍ଷମ/ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପାଇଁ ରିହାତିର ପରିମାଣ ଶତକଡା ୩୫% ରଖାଯାଇଛି ।

୪. ସଂରକ୍ଷିତ ବର୍ଗ ଶତକଡା ୫ଭାଗ ଓ ସାଧାରଣ ବର୍ଗ ଶତକଡା ୧୦ ଭାଗ ନିଜସ୍ୱ ଅଂଶଧନ ବହନ କରିବେ ।

୫. ସବସିଡ୍‌ର ରିହାତିର ସର୍ବୋଚ୍ଚ ସୀମା ସାଧାରଣ ବର୍ଗପାଇଁ ୪ଲକ୍ଷ ଓ ସଂରକ୍ଷିତ ବର୍ଗ ପାଇଁ ୫ଲକ୍ଷ ରଖାଯାଇଛି ।

***ସାହାଯ୍ୟକାରୀ ଅଧିକାରୀ*** ବ୍ଲକ ଶିଳ୍ପ ବିକାଶ ଅଧିକାରୀ ।

***ଅଭିଯୋଗ ଦାଖଲ*** ସାଧାରଣ ପରିଚାଳକ, ଜିଲ୍ଲା ଶିଳ୍ପକେନ୍ଦ୍ର ।


ଶକ୍ତି

# ବିଜୁ ଗ୍ରାମ୍ୟ ଜ୍ୟୋତି ଯୋଜନା

*ଯୋଜନାର ଉଦ୍ଦେଶ୍ୟ*

କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ରାଜୀବ ଗାନ୍ଧୀ ବିଦ୍ୟୁତକରଣ ଯୋଜନାରେ ସାମିଲ ହୋଇନଥିବା ଗ୍ରାମଗୁଡିକୁ ବିଦ୍ୟୁତ ସଂଯୋଗୀକରଣର ବ୍ୟବସ୍ଥା କରିବା ପାଇଁ ଓଡିଶା ସରକାର ବିଜୁ ଗ୍ରାମ୍ୟ ଜ୍ୟୋତି ଯୋଜନାର ପ୍ରଣୟନ କରିଛନ୍ତି ।

*କାର୍ଯ୍ୟର ରୂପରେଖ*

ଏହି ଯୋଜନା ଅନୁସାରେ ୧୦୦ରୁ କମ୍ ଜନସଂଖ୍ୟା ବିଶିଷ୍ଟ ଗ୍ରାମ ଗୁଡିକୁ ବିଦ୍ୟୁତ ସଂଯୋଗୀକରଣ କରାଯାଇପାରିବ ।

- କୁଟୀର ଜ୍ୟୋତି ଯୋଜନା ଆଧାରରେ ବିଦ୍ୟୁତ ସଂଯୋଗ ହୋଇନଥିବା ପ୍ରତ୍ୟେକ ବି.ପି.ଏଲ୍ ପରିବାରଗୁଡିକୁ ବିଜୁ ଗ୍ରାମ୍ୟ ଜ୍ୟୋତି ଯୋଜନା ମାଧ୍ୟମରେ ବିଦ୍ୟୁତ ସଂଯୋଗ କରାଯିବ ।
- ଏହି ଯୋଜନାର ସଠିକ୍ କାର୍ଯ୍ୟାନ୍ୱୟନ ପାଇଁ ମୁଖ୍ୟତଃ ଜିଲ୍ଲାପାଳ ନୋଡାଲ ଅଫିସର ରୂପେ କାର୍ଯ୍ୟକରିବେ ।
- ବି.ପି.ଏଲ୍ ପରିବାରଗୁଡିକର ତାଲିକା ଡି.ଆର୍.ଡି.ଏ କାର୍ଯ୍ୟାଳୟ ଯୋଗାଇ ଦେବେ ।
- ଜିଲ୍ଲା ଇଲେକ୍ଟ୍ରିକାଲ କମିଟିରେ ଜିଲ୍ଲାପାଳ ଅଧ୍ୟକ୍ଷ ରହିବେ । ସଂପୃକ୍ତ ଜିଲ୍ଲାର ସାଂସଦ, ବିଧାୟକ, ଜିଲ୍ଲାପରିଷଦ ଅଧ୍ୟକ୍ଷ, ସରକାରୀ ସଦସ୍ୟଙ୍କ ଦ୍ୱାରା ୩ଜଣ ମନୋନୀତ ସଭ୍ୟ, ଜିଲ୍ଲାରେ ବିଦ୍ୟୁତ ବଣ୍ଟନ ଦାୟିତ୍ୱରେ ଥିବା ସଂସ୍ଥାର ଅଧିକାରୀ ଏହାର ସଦସ୍ୟ ସଂଯୋଜକ ରହିବେ ।

| | |
|---|---|
| *ସାହାଯ୍ୟର ପରିମାଣ* | - କୁଟୀର ଜ୍ୟୋତି ଯୋଜନା ଆଧାରରେ ବିଦ୍ୟୁତ ସଂଯୋଗ ହୋଇନଥିବା ପ୍ରତ୍ୟେକ ବିପିଏଲ୍ ପରିବାରଗୁଡିକୁ ଏହି ଯୋଜନା ମାଧ୍ୟମରେ ବିଦ୍ୟୁତ ସଂଯୋଗ ଦିଆଯିବ । ପ୍ରତ୍ୟେକ ପରିବାର ପିଛା ଖର୍ଚ୍ଚ ସର୍ବାଧିକ ୨୦୦୦ ଟଙ୍କାର ମଧ୍ୟରେ ସୀମିତ ରଖାଯିବ ।<br>- ଏହି ଯୋଜନା ଅନୁସାରେ ୧୦୦ରୁ କମ୍ ଜନସଂଖ୍ୟା ବିଶିଷ୍ଟ ଗ୍ରାମଗୁଡିକୁ ବିଦ୍ୟୁତ ସଂଯୋଗୀକରଣ ପାଇଁ ସର୍ବାଧିକ ୩.୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇପାରିବ । |
| *କାର୍ଯ୍ୟକାରୀ ଅଧିକାରୀ* | ନିକଟସ୍ଥ ଇଲେକ୍ଟ୍ରିକାଲ କାର୍ଯ୍ୟାଳୟର ମୁଖ୍ୟ ଅଧିକାରୀ । |
| *ଅଭିଯୋଗ ଦାଖଲ* | ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ ଦାଖଲ କରିବେ । |




ଜଙ୍ଗଲ
ଓ
ପରିବେଶ

# ଯୁଗ୍ମ ଜଙ୍ଗଲ ପରିଚାଳନା ଯୋଜନା

*ଯୋଜନାର ଉଦ୍ଦେଶ୍ୟ*

ଜିଲ୍ଲାସ୍ତରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ମଧ୍ୟରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଯୋଜନା ହେଉଛି ଯୁଗ୍ମ ଜଙ୍ଗଲ ପରିଚାଳନା ଓ କ୍ଷୁଦ୍ର ଯୋଜନାର ପ୍ରଣୟନକୁ ଜୋରଦାର୍ କରିବା । ସେଥିପାଇଁ ବର୍ତ୍ତମାନର ଜଙ୍ଗଲ ସୁରକ୍ଷା ନିମନ୍ତେ କାର୍ଯ୍ୟକାରୀ ହେଉଥିବା ବନ ସୁରକ୍ଷା ସମିତି (ଭି.ଏସ.ଏସ.)ମାନଙ୍କୁ ଶକ୍ତିଶାଳୀ କରିବା ।

*କାର୍ଯ୍ୟ ରୂପରେଖ*

ବନ ସୁରକ୍ଷା ସମିତି ଦ୍ୱାରା ଜଙ୍ଗଲର ସୁରକ୍ଷା ।

ଚାରା ପ୍ରସ୍ତୁତି କେନ୍ଦ୍ର ଯେଉଁଠି ଅତି କମ୍‌ରେ ୧୦ ହଜାର ଚାରା ପ୍ରସ୍ତୁତ ହୋଇପାରିବ, ସେହି କ୍ଷେତ୍ରରେ ୨୫ ହଜାର ଟଙ୍କାର ଅନୁଦାନ ପାଇଁ ବ୍ୟବସ୍ଥା ।

ମାଳି ଓ କଲମୀକାରୀଙ୍କୁ ତାଲିମ ପ୍ରଦାନ । ନୂଆ ଜଙ୍ଗଲ ସୃଷ୍ଟି ଉପରେ ଗୁରୁତ୍ୱ ।

***ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ସମ୍ବିଧାନ***

୧. ସାଧାରଣତଃ ଗୋଟିଏ ଗ୍ରାମ କିମ୍ବା କେତୋଟି ଗ୍ରାମର ସମ୍ମିଶ୍ରଣରେ ଗୋଟିଏ ଗ୍ରାମପୁଞ୍ଜ ନିମନ୍ତେ ଗୋଟିଏ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ରହିବ । ତେବେ ଯଦି ଅଧିକ ଲୋକସଂଖ୍ୟା କିମ୍ବା ଅଧିକ ସଂଖ୍ୟକ ସାହି ଓ ବସ୍ତି ଥିବ, ତେବେ ସୁସ୍ଥ ସହାବସ୍ଥାନ ଦୃଷ୍ଟିରୁ ଏକାଧିକ କମିଟି ଗଠନ କରାଯାଇ ପାରେ । ପ୍ରଥମ ଶ୍ରେଣୀୟ ଜଙ୍ଗଲ ପରିଚାଳନା ନିମନ୍ତେ ଗଠିତ କମିଟି ବନସୁରକ୍ଷା ସମିତି (ଭି.ଏସ୍.ଏସ୍.) ନାମରେ

ପରିଚିତ ହେବ । ଦ୍ୱିତୀୟ ଶ୍ରେଣୀୟ ଜଙ୍ଗଲ ନିମନ୍ତେ ଗଠିତ କମିଟି ପରିବେଶ ଉନ୍ନୟନ କମିଟି (ଇ.ଡି.ସି.) ନାମରେ ନାମିତ ହେବ ।

୨. (କ) ଜଙ୍ଗଲ ବିଭାଗର ଜଣେ କର୍ମଚାରୀ (ଫରେଷ୍ଟର ଠାରୁ କମ୍ ପାହ୍ୟାର ହୋଇନଥିବେ) ଗ୍ରାମପଞ୍ଚାୟତ କର୍ମକର୍ତ୍ତାଙ୍କୁ ଅନୁରୋଧ ଜଣାଇବ । ଗ୍ରାମ ବା ଗ୍ରାମପୁଞ୍ଜର ସମସ୍ତ ସାବାଳକ ଲୋକଙ୍କର ଏକ ସଭା ଡାକିବା ନିମନ୍ତେ ।

(ଖ) ସଭାରେ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର କାମ ଓ ଦାୟିତ୍ୱ ସଂପର୍କରେ ବିଶଦ୍ ଆଲୋଚନା ହେବ ।

(ଗ) ଉପସ୍ଥିତ ଗ୍ରାମବାସୀଙ୍କ ମଧ୍ୟରୁ ଶତକଡା ୬୦ ଭାଗରୁ ଅଧିକ ଲୋକ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ନିମନ୍ତେ ରାଜି ହେବେ । ତେବେ ଏଥିପାଇଁ ଗୋଟିଏ ସଂକଳ୍ପ ଗୃହୀତ ହେବ ଏବଂ ନିର୍ଦ୍ଧାରିତ ଫର୍ମ (୨) ପୂରଣ କରାଯିବ ।

(ଘ) ଯୁଗ୍ମ ଜଙ୍ଗଲ ପରିଚାଳନା ନିମନ୍ତେ ଫରେଷ୍ଟର/ ଫରେଷ୍ଟ ରେଞ୍ଜର ନିଜ ମତାମତ ଓ ସୁପାରିଶ ଉଲ୍ଲେଖ କରି ଫର୍ମ ୨ କୁ ବିଚାର ପାଇଁ ଡିଏଫ୍‌ଓଙ୍କ ପାଖକୁ ପଠାଇବେ ।

(ଙ) ଡିଭିଜନ ସ୍ତରୀୟ କମିଟି ବୈଠକରେ ଫର୍ମ ୨ ମାଧ୍ୟମରେ ଆସିଥିବା ପ୍ରସ୍ତାବ ବିଚାର ହେବ । ଗ୍ରାମବାସୀଙ୍କର ଆଗ୍ରହ, ଉତ୍ସାହ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବିଷୟରେ ବିଚାର କରି କମିଟି ଯୁଗ୍ମ

ଜଙ୍ଗଲ ପରିଚାଳନା କମିଟି ଗଠନ ନିମନ୍ତେ ଅନୁମତି ଦେବା ସହ କେତେ ଜଙ୍ଗଲ ଯୁଗ୍ମ ଜଙ୍ଗଲ ପାଇଁ ଦିଆଯିବ ତାହା ମଧ୍ୟ ନିର୍ଦ୍ଦିଷ୍ଟ କରିବେ । କମିଟିର ଆଲୋଚନା ବିବରଣୀ ରେଜିଷ୍ଟର୍‌ରେ ରେକର୍ଡ କରାଯିବ ଓ ତା'ତଳେ ସମସ୍ତଙ୍କର ସ୍ୱାକ୍ଷର ରହିବ । ଏହାପରେ ଡି.ଏଫ୍.ଓ. ସରକାରୀ ଆଦେଶନାମା ପଠାଇବେ । ସେଥିରେ ଯୁଗ୍ମ ପରିଚାଳନା କମିଟିର ଗୋଟିଏ ରେଜିଷ୍ଟ୍ରେସନ ନମ୍ବର (ପଞ୍ଜିକରଣ ସଂଖ୍ୟା) ରହିବ ଓ ତାହା ଅଧିନରେ କେତେ ଜଙ୍ଗଲ ରହିବ ତା'ର ସବିଶେଷ ତଥ୍ୟ ଉଲ୍ଲେଖ କରିବେ ।

ଗ୍ରାମ ବା ଗ୍ରାମପୁଞ୍ଜର ସମସ୍ତ ସାବାଳକ ପୁରୁଷ ଓ ସ୍ତ୍ରୀ ଯୁଗ୍ମ ଜଙ୍ଗଲ ପରିଚାଳନା କମିଟିର ସଭ୍ୟ ହୋଇପାରିବେ । ସେଥିପାଇଁ ପ୍ରବେଶିକା ଚାନ୍ଦା ୧ ଟଙ୍କା ରଖାଯାଇଛି । ମୋଟ୍ ଜନସଂଖ୍ୟାର ଶତକଡା ୬୦ ପ୍ରତିଶତ ଲୋକ କମିଟିର ସଭ୍ୟ/ସଭ୍ୟା ହେଲେ କମିଟି କାର୍ଯ୍ୟକାରୀ ହେଲା ବୋଲି ବିବେଚିତ ହେବ ।







# ସି.ୱାଇ.ଏସ୍.ଡି

ଇ-୧, ଇନ୍ଷ୍ଟିଚ୍ୟୁସନାଲ୍ ଏରିଆ
ଗଂଗାଧର ମେହେର ମାର୍ଗ, ଭୁବନେଶ୍ୱର-୭୫୧୦୧୩
ଦୂରଭାଷ : ୦୬୭୪-୨୩୦୧୭୨୫, ୨୩୦୦୭୭୪, ଫ୍ୟାକ୍ସ : ୦୬୭୪-୨୩୦୧୨୨୬
**Email : cysdbbsr@sancharnet.in, Website : www.cysd.org**


